ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୧୭, ସେପ୍ଟେମ୍ବର ୨୦

କୃଷି ଉପରେ ସହରୀକରଣ ପ୍ରଭାବ

ଓଡିଶାର ଅର୍ଥନୀତି କୃଷି ଉପରେ ନିର୍ଭର କରେ। ରାଜ୍ୟର ପ୍ରାୟ ସତୁରୀ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। ଓଡିଶାର ମୁଖ୍ୟ ଫସଲ ହେଉଛି ଧାନ। ଗୋଟାଏ ସମୟ ଥିଲା, ଚାଷୀ ଧାନ ଫସଲ କରି ନିଜର ପରିବାର ପୋଷଣ କରିପାରୁଥିଲା। ଏହି ସମୟରେ ଚାଷୀର ଆବଶ୍ୟକତା କମ୍ ଥିଲା, ସ୍ୱପ୍ନ କମ ଥିଲା ଏବଂ ଖର୍ଚ୍ଚ ମଧ୍ୟ କମ ଥିଲା। ଚାଷୀ ନିଜ ବାଡିରେ ପରିବା ତଥା ଶାଗ ଚାଷ ମଧ୍ୟ କରୁଥିଲା। ସମୟକ୍ରମେ ଟେଲିଭିଜନର ବିଭିନ୍ନ ଚ୍ୟାନେଲ ଏବଂ ଗଣମାଧ୍ୟମ ତାକୁ ସ୍ୱପ୍ନ ଦେଖେଇବା ଶିଖାଇଦେଲେ। ଇଚ୍ଛାଟିଏ ସୃଷ୍ଟି କରାଇ କୃତ୍ରିମ ଅଭାବବୋଧଟିଏ ମଧ୍ୟ ସୃଷ୍ଟି କରାଇଦିଆଗଲା। ଧାନକ୍ଷେତରେ ବିଲକୁ ଜଗି ରହୁଥିବା ଚାଷୀ ତା' କୁଡିଆ ଭିତରେ ଟେଲିଭିଜନ ସେଟ, ମୋବାଇଲ୍ ଫୋନ, ରୁମ୍ ହିଟର କିମ୍ବା ପଙ୍ଖାଟିଏର ଅଭାବ ବୋଧ କରିଲା। ତାର ଇଚ୍ଛା ସହିତ ପ୍ରତିଦ୍ୱନ୍ଦ୍ୱିତା କରି ଗାଁଟି କ୍ରମେ ସହର ହେବାରେ ଲାଗିଲା। ପକ୍କା ସଡକ , ବିଜୁଳୀ ବତୀ, ପକ୍କା ଘର, ପାଇପ ପାଣି, ଟେଲିଫୋନ ସୁବିଧା ଆଦି ପରିବର୍ତ୍ତନମାନ ଘଟି ଚାଲିଲା। ଏହି ପରିର୍ବନ ସହିତ ତା' ଭିତରେ ଅଭାବବୋଧ ମଧ୍ୟ ସୃଷ୍ଟି ହୋଇ ବଢିବାରେ ଲାଗିଲା। ଏହି ଅଭାବବୋଧ ପରିଶେଷରେ ଚାଷଜମିର କିଛି ଅଂଶକୁ ବିକ୍ରି କରିବାରେ ବାଧ୍ୟ କଲା। ବିଲ ମଝିରେ ଇଞ୍ଜିନିୟରିଙ୍ଗ କଲେଜ, ମ୍ୟାନେଜମେଣ୍ଟ କଲେଜ ଆଦି ମୁଣ୍ଡ ଟେକିଲେ। ପୁଣି ସ୍ୱପ୍ନ ବଢିଲା। ଘରେ ଟ୍ରାକ୍ଟରଟିଏର ଆବଶ୍ୟକତା ଥିବା ସ୍ଥଳେ କାରଟିଏ ଠିଆହେଲା। ଟ୍ରାକ୍ଟର କିଣିବା ପାଇଁ କୃଷି ଅଫିସ ଏବଂ ବ୍ୟାଙ୍କକୁ ବର୍ଷେ କାଳ ଦଉଡି ଦଉଡି ନୟାନ୍ତ ହେବା ଅପେକ୍ଷା ମାତ୍ର କେତେ ହଜାର ଟଙ୍କା ଜମା ଦେଖେଇଦେଲେ କାର କମ୍ପାନୀମାନଙ୍କୁ ଦୁଆର ମୁହଁରେ ଛିଡାହେବା ଦେଖିବାକୁ ଚାଷୀ ପରିବାର ପସନ୍ଦ କରିଲା। ଦାରିଦ୍ର୍ୟ ଦୂରୀକରଣ ଯୋଜନାମାନ ପ୍ରଣୟନ ହେବାପରେ ଗ୍ରାମାଞ୍ଚଳର ଚେହେରା ବଦଳିଯାଇଛି, କିନ୍ତୁ କୃଷି କ୍ଷେତ୍ରର ଚେହେରା ସେହି ଅନୁପାତରେ ବଦଳିନାହିଁ। ପଞ୍ଜାବ, ଉତ୍ତର ପ୍ରଦେଶ କିମ୍ବା ପଡୋଶୀ ଆନ୍ଧ୍ରପ୍ରଦେଶ ଭଳି ଓଡିଶାରେ ଜଳସେଚନର ସୁବିଧା ନାହିଁ କି କୃଷିର ପ୍ରଗତି ନାହିଁ। ପ୍ରତିଦିନ ଶହ ଶହ ଟ୍ରକ ପରିବା ଆନ୍ଧ୍ରପ୍ରଦେଶରୁ ଓଡିଶାକୁ ଆସୁଛି। ମହାରାଷ୍ଟ୍ରରୁ ଆଳୁ, ପିଆଜ, କମଳା, ଅଙ୍ଗୁର ଆଦି ଆସୁଛି। ଓଡିଶାରୁ କୃଷି କିମ୍ବା ଉଦ୍ୟାନ କୃଷିଜାତ କେଉଁ ଦ୍ରବ୍ୟ ବାହାର ରାଜ୍ୟକୁ ଯାଉଛି ବୋଲି ପଚାରିଲେ କୃଷି ବିଜ୍ଞାନ ବିଭାଗ ଲୋକେ ବି ପାଂଚ ମିନିଟ୍ ଭାବିବେ। ଏ ହେଉଛି ଓଡିଶାରେ କୃଷି ଏବଂ ଉଦ୍ୟାନ କୃଷିର ବାସ୍ତବ ଚିତ୍ର। କଲିକତାରୁ ଗେଣ୍ଡୁ ଫୁଲ, ରଜନୀଗନ୍ଧା, ଗ୍ଲାଓଡିଲା, ଗୋଲପ ନ ଆସିଲେ ରାଜଧାନୀ ଭୁବନେଶ୍ୱରରେ ସଭାସମିତି ସବୁରେ ମରୁଡି ପଡିଯିବ। ଚାଷୀମାନେ ଧାନକୁ ଛାଡି ଝୋଟ କିମ୍ବା ଆଖୁ ଭଳି ଅର୍ଥକରୀ ଫସଲ କରିଲେ ହିନସ୍ତା ହେବାର ବହୁ ଉଦାହରଣ ଦେଖାଗଲାଣି। ରାଜ୍ୟରେ ଚିନିକଳର ପ୍ରଗତି ନାହିଁ ତଥା ଝୋଟକଳ କର୍କଟ ରୋଗଗ୍ରସ୍ତ। ଏଭଳି ପରିସ୍ଥିତିରେ ସହରୀକରଣର ପ୍ରଭାବ ଚାଷକୁ ଖୁବ ଅସୁବିଧାରେ ପକାଇଛି। ଧାନଚାଷ ପାଇଁ ଚାଷୀର ଆଗ୍ରହ ନାହିଁ, କେବଳ ଆଉ କିଛି ହେବ ନାହିଁ ବୋଲି ବାଧ୍ୟରେ କରୁଛନ୍ତି। ଧାନଚାଷ ପାଇଁ କୃଷି ଶ୍ରମିକ ମଧ୍ୟ ମିଳୁନାହାନ୍ତି। ଚାଷୀର ପୁଅ ପାଠ ପଢିଲା ପରେ ଆଉ ଚାଷ ପ୍ରତି ମନ ବଳାଉନାହିଁ। ଏଥିରେ ଆଶାଜନକ ଲାଭ ନଥିବାରୁ କିମ୍ବା ପ୍ରୋତ୍ସାହନ ନଥିବାରୁ ପାରମ୍ପରିକ ଚାଷୀ ମଧ୍ୟ ନିଜକୁ ଅସହାୟ ମନେକଲାଣି। ବଳଦଙ୍କ ଦ୍ୱାରା ଚାଷ କରିବା ଆଉ ବର୍ତ୍ତମାନ ପରିସ୍ଥିତିରେ ସମ୍ଭବ ନୁହେଁ। ଗାଁ ମଝିରେ ପକ୍କାଘରର ଭିତରେ ବର୍ତ୍ତମାନ ଗୁହାଳଟିଏ ଦେଖିବା ମଧ୍ୟ ସ୍ୱପ୍ନ। ଅନ୍ୟପକ୍ଷରେ ଘରେ ଗାଈ, ବଳଦ, ଛେଳି, ମେଣ୍ଢା, କୁକୁଡା ଆଦି ରଖିବାର ସୁବିଧା ମଧ୍ୟ ଆଉ ନାହିଁ। ତେଣୁ ଲୋକମାନେ ବେପାରୀମାନଙ୍କୁ ବିକ୍ରୀ କରିବାକୁ ବାଧ୍ୟ ହେଲେଣି। ଏହି ଗୋରୁ ବିକ୍ରୀ ଆଉ ଏକ ସାମାଜିକ ସମସ୍ୟା ସୃଷ୍ଟି କରିଲାଣି। ବର୍ତ୍ତମାନ ଶିଳ୍ପ ଶ୍ରମିକର ମଜୁରୀ ଶିଳ୍ପ ଆଇନ୍ ଅନୁଯାୟୀ ମିଳୁଥିବାରୁ କୃଷି ଶ୍ରମିକ ହେବାକୁ କେହି ପ୍ରସ୍ତୁତ ନାହାନ୍ତି। ଶିଳ୍ପ ଶ୍ରମିକ ଭଳି ପଞ୍ଜୀକରଣ, ଦାବୀ ହାସଲ ପାଇଁ ଟ୍ରେଡ୍ ୟୁନିୟନ ଆଦି କୃଷି ଶ୍ରମିକ ପାଇଁ ନଥିବାରୁ କୃଷି ଶ୍ରମିକ ନିଜର ଦାବୀ ହାସଲ କରିପାରୁନାହିଁ। ଚାଷ କ୍ଷେତ୍ରରେ ଅବହେଳା ଏବଂ ମଜୁରୀ କ୍ଷେତ୍ରରେ ଅବହେଳା ଓଡିଶାର କୃଷି କ୍ଷେତ୍ରକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଅନ୍ୟ ପକ୍ଷରେ କୃଷି ଶ୍ରମିକ ଭାବରେ କାର୍ଯ୍ୟ କରୁଥିବା ଅଧିକାଂଶ ଲୋକ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ରିହାତି ଦରରେ ଚାଉଳ ଏବଂ ଖାଦ୍ୟଶସ୍ୟ ପାଉଛନ୍ତି। ତେଣୁ ଏହି ଶ୍ରମିକ ଶ୍ରେଣୀ ନିକଟରେ ଥିବା ଜମି ଆଉ ଚାଷ ହେଉନାହିଁ। ଅନ୍ୟପକ୍ଷରେ ଏଫସିଆଇ ମାଧ୍ୟମରେ ଆସୁଥିବା ଖାଦ୍ୟଶସ୍ୟ ଆମ ରାଜ୍ୟରେ ଉତ୍ପାଦିତ ନୁହେଁ। ତେଣୁ ଆମ ରାଜ୍ୟର ଉତ୍ପାଦନକୁ ନଜର ଅନ୍ଦାଜ ନକରି କେବଳ ଏଫସିଆଇର ଭଣ୍ଡାରକୁ ଦେଖି ରାଜନୀତିକ ବାହାସ୍ଫୋଟ ମାରିବାରେ ରାଜନୀତିକ ଲୋକମାନେ ବ୍ୟସ୍ତ। ତୃଣମୂଳ ସ୍ତରର କୃଷି ପାଇଁ ବାସ୍ତବ ସହାୟତା କିଛି ନାହିଁ। ତେଣୁ ଏଭଳି ଏକ ପରିସ୍ଥିତିରେ କୃଷିକ୍ଷେତ୍ରର ବାସ୍ତବ ଅସୁବିଧାକୁ ହୃଦୟଙ୍ଗମ କରି ସହରୀକରଣ ପ୍ରଭାବରୁ କୃଷିକୁ ମୁକ୍ତ ରଖାଯିବା ନିମିତ୍ତ ଯୋଜନା ପ୍ରଣୟନ ହେବା ଉଚିତ।

ଆଜିର ଅନୁଚିନ୍ତା

ସଂସାରର ବ୍ୟବହାରକୁ
ଜାଣିଥିବା ବ୍ୟକ୍ତି ହେଉଛି ସର୍ବଜ୍ଞ।

ପିତୃପକ୍ଷ: ମହାଳୟା

ପିତାମାତାଙ୍କ ଋଣ ଜନ୍ମ ଜନ୍ମାନ୍ତର ନେଇ ଚେଷ୍ଟାକଲେ ବି ଶୁଝା ପଡ଼େ ନାହିଁ। ତଥାପି ପୁତ୍ର ସେମାନଙ୍କ ଜୀବଦଶାରେ ବାର୍ଦ୍ଧକ୍ୟରେ ସେମାନଙ୍କୁ ସେବା ଓ ସହାୟତା ଦିଏ ଏବଂ ସେମାନଙ୍କ ମୃତ୍ୟୁ ପରେ ପରାଗତ ଆତ୍ମାର ସଦ୍‌ଗତି ନିମନ୍ତେ ଶୁଦ୍ଧ, ଶ୍ରାଦ୍ଧ ଓ ତର୍ପଣ ଇତ୍ୟାଦି କାର୍ଯ୍ୟକରେ। ଏ ସବୁର ମୂଳରେ ଅଛି ସେମାନଙ୍କ ମୋକ୍ଷ ନିମନ୍ତେ ପିଣ୍ଡଦାନ ଦେବା। ଏମିତି କହିଲେ ପିତୃଲୋକାଗତ ଆତ୍ମାର ଉର୍ଦ୍ଧ୍ୱଗତି ବା ସଦ୍‌ଗତି ଲାଭ କରିବା ନିମନ୍ତେ ଶ୍ରାଦ୍ଧ ଓ ତର୍ପଣର କର୍ମ କରାଯାଏ। ଏ ପ୍ରକାର ଶ୍ରାଦ୍ଧ ତାଙ୍କ ମୃତ୍ୟୁ ଦିବସରେ କରାଯାଇଥାଏ ଅଥଚ ମହାଳୟା ଶ୍ରାଦ୍ଧ ପିତୃପକ୍ଷରେ କରାଯାଇଥାଏ। ପିତୃପକ୍ଷ କହିଲେ ଆଶ୍ୱିନ କୃଷ୍ଣ ପ୍ରତିପଦା ଠାରୁ ଅମାବାସ୍ୟା ଯାଏଁ ଦିବସକୁ ବୁଝାଏ। ଏହି ଦିନଗୁଡ଼ିକରେ ପିତୃଗଣଙ୍କ ତୃପ୍ତି ବିଧାନାର୍ଥେ ନିତ୍ୟ ତିଳାଞ୍ଜଳି ଅର୍ପଣ କରାଯାଏ। ଏଭିତରୁ ଯେ କୌଣସି ଦିନ ବିନା ତିଥି ନକ୍ଷତ୍ରରେ ପିତୃପକ୍ଷ ଶ୍ରାଦ୍ଧ ଦିଆଯାଇପାରିବ। ଆଶ୍ୱିନ କୃଷ୍ଣପକ୍ଷ ହେଉଛି ପିତୃପକ୍ଷ; କିନ୍ତୁ ଅମାବାସ୍ୟା ହେଉଛି ପିତୃତିଥି। ଏହି ଦିନକୁ ପିତୃଗଣଙ୍କ ତିଥି ମହାଳୟା ବୋଲି କୁହାଯାଏ। ଏହି ଦିବସରେ ପୁତ୍ର ପୂର୍ବବର୍ତ୍ତୀ ତିନିପୁରୁଷଙ୍କୁ ଶ୍ରାଦ୍ଧବାଢ଼େ। ପିତା, ପିତାମହ ଓ ପ୍ରପିତାମହ ନିଜ କୁଳର ତିନିପୁରୁଷ; ମାତା, ମାତାମହୀ ଓ ପ୍ରପିତାମହୀ ଏମିତି ମାତୁଳ କୁଳର ତିନିପୁରୁଷ ସହିତ ଏକ ଲୁପ୍ତ ପୁରୁଷଙ୍କୁ ଦିଏ। ମଉଳାକୁଳର ସଂପୃକ୍ତ ହେତୁ ମହାଳୟା ଶ୍ରାଦ୍ଧକୁ ମଉଳାଶ୍ରାଦ୍ଧ ମଧ୍ୟ କୁହାଯାଏ। ମୃତ୍ୟୁ ଲୋକରେ ଥାଇ ପୂର୍ବ ପୁରୁଷମାନେ ମହାଳୟା ବା ପିତୃପକ୍ଷରେ ପିଣ୍ଡପାଇଁ ଅପେକ୍ଷା କରିଥାନ୍ତି। ଯଦି ପିଣ୍ଡ ଦିଆନଯାଏ, ସେମାନେ ନିରାଶ ହୋଇ ଫେରିଯାଆନ୍ତି। ଅମାବାସ୍ୟା ଦିନ ଶ୍ରାଦ୍ଧଟି ଅତି ପବିତ୍ର। ଏହିଦିନ ସମସ୍ତ ବ୍ୟକ୍ତି ଏବଂ ଜାତି ଶ୍ରାଦ୍ଧ ଦେଇପାରିବେ। ସାଧାରଣତଃ ଏହି ଶ୍ରାଦ୍ଧ ନିଜର ବାସଗୃହ, ତୀର୍ଥନଦୀ, ପୁଷ୍କରିଣୀ, ସମୁଦ୍ରକୂଳ, ତୁଳସୀ ମୂଳ, ଗୟା, ବଦ୍ରିନାଥ, ବ୍ରହ୍ମକୁଣ୍ଡଳ, ଆମ ଓଡ଼ିଶାର ବିନ୍ଦୁସାଗର , ବୈତରଣୀ କୂଳ ଏବଂ ସର୍ବୋପରି ଶ୍ରୀ ମନ୍ଦିରରେ ଦିଆଯାଇପାରେ। ପିଣ୍ଡରେ ମହାପ୍ରସାଦ, ପାକାନ୍ନ ବା ଆମାନ୍ନ ବଢ଼ା ଯାଇପାରେ। କେବଳ ପିତୃପୁରୁଷ ଉଦ୍ଦେଶ୍ୟରେ ପିଣ୍ଡଦାନ ଓ ତର୍ପଣ କରାଯାଏ ନାହିଁ। ବିଶ୍ୱଦେବ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଋଷିଗଣ, ବେଦ, ଛନ୍ଦ ଇତ୍ୟାଦି ତୃପ୍ତିବିଧାନ ପାଇଁ ମଧ୍ୟ ଜଳତିଳ ତର୍ପଣ କରାଯାଏ। ଦକ୍ଷିଣ ହସ୍ତର ତର୍ଜନୀ ବା ବୃଦ୍ଧାଙ୍ଗୁଳି ମୂଳରେ ଥିବା ସ୍ଥାନ ପିତୃତୀର୍ଥ ନାମରେ ପରିଚିତ। ଏଣୁ ଶ୍ରାଦ୍ଧ ସମୟରେ ସେହି ମୁଦ୍ରାରେ ପିଣ୍ଡ ଅର୍ପଣ କରାଯଏ। ଶ୍ରାଦ୍ଧ ଜ୍ୟେଷ୍ଠପୁତ୍ର ଦେବା ବିଧେୟ କିମ୍ବା ଜ୍ୟେଷ୍ଠବ୍ୟକ୍ତି ବି ହୋଇପାରନ୍ତି। ପିତାମାତାଙ୍କୁ ପିଣ୍ଡଦାନ ଓ ତର୍ପଣ ଦ୍ୱାର ସେମାନଙ୍କର ସ୍ୱର୍ଗବାସ ହୁଏ ବୋଲି ବିଶ୍ୱାସ। ପୁତ୍ରମାନେ ଏହା ଶ୍ରଦ୍ଧାର ସହିତ ସମାପନା କରିବା ଦ୍ୱାରା ଏହାକୁ ଶ୍ରାଦ୍ଧ କୁହାଯାଏ। ଏଥିରେ ସେ ନିଜେ ପିତୃଋଣରୁ ମୁକ୍ତି ପାଇବା ସହ ନିଜର ପରମଗତି ପାଇଁ ଧର୍ମ ସଂଚୟକରନ୍ତି। ଏଣୁ ଯଥାର୍ଥରେ କୁହାଯାଇଛି: *''ପିତାଧର୍ମ ପିତାସ୍ୱର୍ଗ ପିତାହିଁ ପରମ ତପଃ/ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତା।''*

ବିପିନବିହାରୀ ମହାନ୍ତି, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର,ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ଓଡ଼ିଶାର କୃଷି ଓ କୃଷି ବଜେଟ

ପ୍ର. ଦିବାକର ନାୟକ

ଓଡ଼ିଶାର ସମସ୍ତ ଆୟର ଶତକଡ଼ା ୨୮ ହାର ୨୦୦୧-୦୨ ମସିହାରେ ଯେଉଁ କୃଷିରୁ ଆସୁଥିଲା, ତାହା ୨୦୧୪-୧୫ ମସିହାରେ ମାତ୍ର ଶତକଡ଼ା ୧୫ରେ ପହଞ୍ଚିଛି । ଯଦିଓ କୃଷିରୁ ଆସୁଥିବା ଆୟ କମିଯାଇଛି, ତଥାପି କୃଷି ଉପରେ ନିର୍ଭର କରି ଚଳୁଥିବା ଲୋକସଂଖ୍ୟା ଶତକଡ଼ା ୬୦ଭାଗରୁ ଅଧିକ । ସତ କହିବାକୁ ଗଲେ ଯେପର୍ଯ୍ୟନ୍ତ କୃଷି ଉପରେ ନିର୍ଭର କରୁଥିବା ପରିବାରମାନଙ୍କର ଆୟ ନ ବଢ଼ିଛି, ଓଡ଼ିଶାର ଅର୍ଥନୀତିର ଚିତ୍ର ବଦଳିବ ନାହିଁ। ଧନୀ ଓ ଦରିଦ୍ର ମଧ୍ୟରେ ଅର୍ଥନୈତିକ ପାର୍ଥକ୍ୟ ବଢ଼ିବଢ଼ି ଯିବ। ଗ୍ରାମାଞ୍ଚଳରେ ଅସହିଷ୍ଣୁତା ବଢ଼ିବ। ସରକାରୀ ଯୋଜନା ଉପରେ ବିଶ୍ୱାସ କମିଯିବ ଯାହାକି ବର୍ତ୍ତମାନ ବିଭିନ୍ନ କୃଷକ ସଂଗଠନ ପ୍ରଦର୍ଶିତ କରୁଛନ୍ତି । ଓଡ଼ିଶାର ମୁଖ୍ୟ ଫସଲ ଧାନର ଉତ୍ପାଦନ ୨୦୦୩-୦୬ ମସିହା ମଧ୍ୟରେ (ତିନି ବର୍ଷର ହାରାହାରି ଉତ୍ପାଦନ) ଯାହାକି ୬୭.୪୫ ଲକ୍ଷଟନ୍ ଥିଲା, ତାହା ୨୦୧୦-୧୩ ମସିହାରେ (ତିନି ବର୍ଷର ହାରାହାରି ଉତ୍ପାଦନ) ୭୪.୪୧ ଲକ୍ଷଟନ୍‌ରେ ପହଞ୍ଚିଛି। ଅର୍ଥାତ୍ ବିଗତ ନଅବର୍ଷରେ ଧାନର ଉତ୍ପାଦନ ଚାଉଳ ହିସାବରେ ୭ଲକ୍ଷ ଟନ୍ ବୃଦ୍ଧ ହୋଇଛି । ଆମର ଲୋକସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖିଲେ, ପ୍ରତିବର୍ଷ ଆମର ଅତିରିକ୍ତ ଚାଉଳର ଚାହିଦା ହେଉଛି ଏକ ଲକ୍ଷ ଟନ୍; କିନ୍ତୁ ବିଗତ ବର୍ଷଗଡ଼ିକରେ ଆମର ବାର୍ଷିକ ଅତିରିକ୍ତ ଚାଉଳର ଉତ୍ପାଦନ ଏକଲକ୍ଷ ଟନ୍‌ରୁ କମ୍ । ପଞ୍ଜାବ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରେ ଧାନର ହେକ୍ଟର ପ୍ରତି ଉତ୍ପାଦନ ତିନି ଟନ୍‌ରୁ ଅଧିକ ହୋଇଥିବା ବେଳେ, ଓଡ଼ିଶାରେ ଏହା ଦୁଇଟନ୍ ଭିତରେ ଅଛି । ଫଳରେ ଓଡ଼ିଶାର ଚାଷୀମାନେ କମ୍ ଉତ୍ପାଦନ ଯୋଗୁଁ, କମ୍ ଆୟ ପାଇବା ସହିତ ଏକ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅଧିକ ଖର୍ଚ୍ଚ କରୁଛନ୍ତି । ଜଳସେଚନ କୃଷି ଉତ୍ପାଦନ ପାଇଁ ଏକ ମୁଖ୍ୟ ଉପାଦାନ । ସରକାରୀ ହିସାବ ଅନୁସାରେ ୨୦୦୧-୦୨ ମସିହାରେ, ସମସ୍ତ ଧାନ ଜମିର ୧୮.୧୭ ଲକ୍ଷ ହେକ୍ଟର ଜଳସେଚିତ ହେଉଥିବାବେଳେ, ୨୦୧୨-୧୩ ମସିହାରେ ଏହା ୨୦.୫୩ ହେକ୍ଟରକୁ ବୃଦ୍ଧି ପାଇଛି । ଅର୍ଥାତ୍ ବିଗତ ଏଗାରବର୍ଷରେ ମାତ୍ର ୨.୩୬ ଲକ୍ଷ ହେକ୍ଟର ଅତିରିକ୍ତ ଜଳସେଚିତ ଜମି ଧାନ ଚାଷ ପାଇଁ ସୃଷ୍ଟି ହୋଇଛି । ଯାହାର ବର୍ଷକୁ ବୃଦ୍ଧି ଶତକଡ଼ା ୧.୧୮ ହାର। ଏହି ସମୟରେ ଓଡ଼ିଶା, ଭାରତର ଦ୍ୱିତୀୟ ସ୍ତରର ରାଜ୍ୟ ହିସାବରେ ୪ଥର କୃଷିକର୍ମଣ ପୁରସ୍କାର ପାଇଛି । ଓଡ଼ିଶାର ଗ୍ରାମାଞ୍ଚଳରେ ଅଧିକାଂଶ କୃଷି ପରିବାର । ଏବେ ବି ଓଡ଼ିଶାର ଗ୍ରାମାଞ୍ଚଳରେ ଏକ କୋଟି ୨୬ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହୁଛନ୍ତି । କୃଷି ପାଇଁ ସ୍ୱତନ୍ତ୍ର ବଜେଟ ସହିତ କୃଷି କ୍ୟାବିନେଟ ସୃଷ୍ଟି ହୋଇଛି । କୃଷି କ୍ୟାବିନେଟ୍‌ରେ ଆଲୋଚନା ପରେ ସୂଚନା ଦିଆଯାଇଛି ଯେ ୨୦୦୩ରୁ ୨୦୧୩ ମସିହା ମଧ୍ୟରେ ଓଡ଼ିଶାର କୃଷକ ପରିବାରଙ୍କ ପ୍ରକୃତ ଆୟ ଦୁଇଗୁଣ ହୋଇଛି ଯାହାକୁ କୃଷକ, କୃଷକ ସଂଗଠନ ଓ ବହୁତ ବୁଦ୍ଧିଜୀବୀ ଓଡ଼ିଶାର କୃଷି ଅର୍ଥନୀତିରେ ଦେଖିବାକୁ ପାଉନାହାନ୍ତି । ଏହି ଦଶବର୍ଷରେ ଚାଷୀ ଆତ୍ମହତ୍ୟା ବହୁତ ହୋଇଛି । ଓଡ଼ିଶା ଭଳି ରାଜ୍ୟରେ ଚାଷୀମାନେ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଅଳ୍ପଦିନ ପରେ ଓଡ଼ିଶାରେ କୃଷି ବଜେଟ ବିଧାନସଭାରେ ଉପସ୍ଥାପନ କରାଯିବ । ଏହି ଦୃଷ୍ଟିରୁ ଏହି ଲେଖା ମାଧ୍ୟମରେ ଓଡ଼ିଶାର କୃଷି, କୃଷକଙ୍କ ଆୟ ଓ ଆଗାମୀ ବଜେଟରେ କୃଷିକୁ କିପରି ଦୃଷ୍ଟି ଦେବା ସେ ସବୁ ଆଲୋଚନା କରିବା ।

କୃଷି ବଜେଟ ଆଲୋଚନା କରିବା ପୂର୍ବରୁ ପ୍ରଥମେ ଅନୁଧ୍ୟାନ କରିବାଯେ ଓଡ଼ିଶାରେ କୃଷି ପରିବାରଙ୍କ ପ୍ରକୃତ ଆୟ ସରକାରୀ ସୂଚନା ଅନୁଯାୟୀ ବିଗତ ୧୦ ବର୍ଷରେ, ଅର୍ଥାତ୍ ୨୦୦୩ ମସିହାରୁ ୨୦୧୩ ମସିହା ମଧ୍ୟରେ ଦୁଇଗୁଣ ହେବା ସ୍ଥଳେ ଚାଷୀପରିବାର ଏହାକୁ ନିଜ ଭିତରେ କାହିଁକି ଦେଖି ପାରୁନାହାନ୍ତି । ଜାତୀୟ ନମୁନା ସର୍ଭେ ସଂସ୍ଥା ଜାତୀୟ ସ୍ତରରେ କୃଷକ ପରିବାରମାନଙ୍କର ବାର୍ଷିକ ଆୟ ଆକଳନ କରିବାପାଇଁ ୨୦୦୩ ମସିହାରେ ଏକ ଅନୁଧ୍ୟାନ କରିଥିଲେ । ଓଡ଼ିଶାରେ ମଧ୍ୟ ସେମାନେ ସର୍ଭେ କରିଥିଲେ । ମାତ୍ର ଓଡ଼ିଶାରେ ସେ ବର୍ଷ ଏକ ବଡ଼ ମରୁଡ଼ି ହୋଇଥିଲା । ଓଡ଼ିଶାର ମୁଖ୍ୟ ଫସଲ ଧାନର ଉତ୍ପାଦନ ୨୩ଟି ଜିଲାରେ ଶତକଡ଼ା ୫୦ ଭାଗରୁ ଅଧିକ ନଷ୍ଟ ହୋଇଥିଲା । ଏପରିକି ୧୨ଟି ଜିଲାରେ ଶତକଡ଼ା ୬୦ ଭାଗରୁ ଅଧିକ ଓ ତିନିଟି ଜିଲାରେ ଶତକଡ଼ା ୮୦ଭାଗରୁ ଅଧିକ ନଷ୍ଟ ହୋଇଥିଲା । ଓଡ଼ିଶାର ଧାନ ଉତ୍ପାଦନ ୨୦୦୧-୦୨ ମସିହା ଅର୍ଥାତ୍ ମରୁଡ଼ିର ଠିକ୍ ପୂର୍ବବର୍ଷ ୭୧.୪୯ ଲକ୍ଷ ଟନ୍ ଉତ୍ପାଦନ ହୋଇଥିବା ବେଳେ ୨୦୦୨-୦୩ ମସିହାରେ ଏହା ମରୁଡ଼ି ଯୋଗୁଁ ୩୨.୪୪ ଲକ୍ଷ ଟନ୍‌କୁ କମିଥିଲା । ଏପରିକି ହେକ୍ଟର ପ୍ରତି ଧାନ ଉତ୍ପାଦନ ଶତକଡ଼ା ୫୫ ଭାଗ କମିଯାଇଥିଲା । କେବଳ ଧାନ ଉତ୍ପାଦନରେ ଶତକଡ଼ା ୩୦ରୁ ୩୫ ହାର ନିଯୁକ୍ତି କମିଥିଲା । ପଶୁ ସଂପଦ ଉପରେ ମରୁଡ଼ିର ପ୍ରଭାବ ବହୁତ ପଡ଼ିଥିଲା । ଫଳରେ ସେ ବର୍ଷ ଗୋଟିଏ କୃଷି ପରିବାରର ସମସ୍ତ ଆୟର ମାତ୍ର ଶତକଡ଼ା ୪ଭାଗ ପଶୁ ସଂପଦରୁ ଆସିଥିଲା । କୃଷିରୁ ଆୟ କମିଯିବା ଯୋଗୁଁ ସରକାରୀ ହିସାବ ଅନୁଯାୟୀ କେବଳ ୨୦୦୩ ମସିହାରେ ୩୬୫ ଜଣ କୃଷକ ଆତ୍ମହତ୍ୟା କରିଥିଲେ । ଆନ୍ତର୍ଜାତିକ ଧାନ ଗବେଷଣା ସଂସ୍ଥାର ଗବେଷଣାଗତ ତଥ୍ୟ ଅନୁସାରେ ୨୦୦୨-୦୩ରେ ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଅତିରିକ୍ତ ଶତକଡ଼ା ୧୬ଭାଗ କୃଷିପରିବାର ଯେଉଁମାନେ ଆଗରୁ ଗରିବ ରେଖା ଉପରେ ଥିଲେ, ସେମାନେ ଗରିବ ରେଖା ତଳକୁ ଖସିଯାଇଥିଲେ । ଏସବୁ ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଓଡ଼ିଶା ପାଇଁ ୨୦୦୩ ବର୍ଷଟି କୃଷି ପରିବାର ଆୟ ତୁଳନା ପାଇଁ ଏକ ଅସ୍ୱାଭାବିକ ବର୍ଷ । ୨୦୧୨-୧୩ ମସିହାରେ ଧାନର ହେକ୍ଟର ପ୍ରତି ଉତ୍ପାଦନ ୨୦୧୧-୧୨ ବର୍ଷ ତୁଳନାରେ ଶତକଡ଼ା ୬୦ ଭାଗରୁ ଅଧିକ ଥିଲା । ଏହିସବୁ ଦୃଷ୍ଟିରୁ ଓଡ଼ିଶାରେ କୃଷି ପରିବାର ଆୟ ୨୦୦୩ରୁ ୨୦୧୩ ମସିହା ମଧ୍ୟରେ ଦୁଇଗୁଣ ହୋଇଛି ବୋଲି କହିବା ଅର୍ଥ ପରିସଂଖ୍ୟାନକୁ ଠିକ୍ ଭାବରେ ବ୍ୟବହାର କରାଯାଇନାହିଁ ବୋଲି ଭାବିବା ଉଚିତ୍ । ଆସନ୍ତା କୃଷି ବଜେଟ୍ ତିଆରି ସମୟରେ ଏସବୁକୁ ଦୃଷ୍ଟି ଦେବା ଜରୁରୀ ।

ଓଡ଼ିଶାରେ କୃଷିପାଇଁ ୨୦୧୩-୧୪ ମସିହାରୁ ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନା କରାଯାଉଛି । ଏହାର ଶତକଡ଼ା ୫୪ରୁ ୫୫ଭାଗ କେବଳ ଜଳସଂପଦ ପାଇଁ ବ୍ୟୟ ବରାଦ ହେଉଛି । କୃଷି ବିଭାଗପାଇଁ ଶତକଡ଼ା ୧୪ଭାଗ ଅର୍ଥ ବରାଦ ହେଉଛି । ବିଗତ ତିନିବର୍ଷରେ ସ୍ୱତନ୍ତ୍ର କୃଷି ବଜେଟ ଉତ୍ପାଦନ ବୃଦ୍ଧି, କୃଷକଙ୍କ ଆୟ ଓ ଗ୍ରାମାଞ୍ଚଳରେ ଗରିବ କମାଇବାରେ ବିଶେଷ ପ୍ରଭାବ ପକାଇନାହିଁ । ଓଡ଼ିଶାରେ ହେକ୍ଟର ପ୍ରତି ଉତ୍ପାଦନ କମ୍ ଯୋଗୁ, କୃଷି ପରିବାରର ଆୟ କମିବା ସହିତ ଏକ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଅଧିକ ଖର୍ଚ୍ଚ କରୁଛନ୍ତି । ଏହାର ଅନେକ କାରଣ ମଧ୍ୟରୁ ଜଳସେଚନ ମୁଖ୍ୟ କାରଣ । ସରକାରୀ ହିସାବ ଅନୁସାରେ ଓଡ଼ିଶାର ସମସ୍ତ ଧାନ ଜମିର ଶତକଡ଼ା ୫୦ଭାଗ ଜଳସେଚିତ, ଯାହାକି ଆନ୍ଧ୍ରପ୍ରଦେଶ ଓ ପଞ୍ଜାବରେ ଶତକଡ଼ା ୯୭ଭାଗରୁ ଅଧିକ । ଜାତୀୟ ସ୍ତରରେ ଶତକଡ଼ା ୫୮ ଭାଗ ଧାନ ଜମି ଜଳସେଚିତ । ଏପରିକି ଓଡ଼ିଶାର ସମସ୍ତ ଜଳସେଚିତ ଧାନ ଜମିର ଶତକଡ଼ା ୨୦ରୁ ୨୫ଭାଗ ଜମି ବର୍ଷାଦିନେ ଅଧିକ ବର୍ଷାଯୋଗୁଁ ଓ ଜଳ ନିଷ୍କାସନର ସୁବିଧା ନଥିବାରୁ ପାଣିରେ ବୁଡ଼ି ରୁହେ । ଫଳରେ ଉତ୍ପାଦନ କମିଯାଏ । ଯାହା ହେଉନା କାହିଁକି ଓଡ଼ିଶାର ହାରାହାରି ଧାନ ଉତ୍ପାଦନ ହେକ୍ଟର ପ୍ରତି ୨୦ କୁଇଣ୍ଟାଲରୁ ୩୦କୁଇଣ୍ଟାଲକୁ ବୃଦ୍ଧି କରିପାରିଲେ ଚାଷୀଙ୍କ ଆୟ ବଢ଼ିବା ସହିତ କୁଇଣ୍ଟାଲ ପ୍ରତି ଉତ୍ପାଦନ ଖର୍ଚ୍ଚ କମିଯିବ । ଏହା ମଧ୍ୟ ଅର୍ଥକରୀ ଫସଲ ଚାଷ କରିବାପାଇଁ ଚାଷୀମାନଙ୍କ ମଧ୍ୟରେ ଏକ ପରିବେଶ ସୃଷ୍ଟି କରିବ । ଏସବୁକୁ ଲକ୍ଷ୍ୟ କରି ଆସନ୍ତା ବଜେଟରେ ସିଧାସଳଖ ଉତ୍ପାଦନ ବୃଦ୍ଧି କରୁନଥିବା ସମସ୍ତ ରିଆତିକୁ ବନ୍ଦ କରି ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପାଇଁ ୨୦ହଜାର କୋଟିଟଙ୍କା ଓ ଜଳନିଷ୍କାସନ ପାଇଁ ୨୦୦କୋଟି ଟଙ୍କା ବ୍ୟୟ ବରାଦ ହୋଇପାରିଲେ କୃଷି ପାଇଁ ବ୍ୟବହାର ହେଉଥିବା ସମସ୍ତ ଉପାଦାନଗୁଡ଼ିକର ଉତ୍ପାଦିକତା ବୃଦ୍ଧି ହେବା ସହିତ ଚାଷୀମାନଙ୍କର ଆୟ ବଢ଼ିବ ଓ କୃଷିରେ ଉତ୍ପାଦନ ଖର୍ଚ୍ଚ ମଧ୍ୟ କମିବ ।

ଆଞ୍ଚଳିକ ସ୍ତରରେ କୃଷି ବିଶେଷଜ୍ଞ ଓ ଚାଷୀମାନଙ୍କ ମଧ୍ୟରେ ସିଧାସଳଖ ସେମାନଙ୍କର କୃଷି ସମ୍ବନ୍ଧୀୟ ସମସ୍ୟା ଉପରେ ପ୍ରତି ୧୫ ଦିନରେ ଆଲୋଚନା ହେଉ । ସେହି ଅଞ୍ଚଳର କୃଷି ଅଫିସରମାନେ ମଧ୍ୟ ଆଲୋଚନାରେ ଅଂଶ ଗ୍ରହଣ କରନ୍ତୁ । କୃଷକମାନଙ୍କର ପ୍ରକୃତ କୃଷିରେ ଦେଖାଯାଉଥିବା ସମସ୍ୟା ଉପରେ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରରେ ଗବେଷଣା ଜାରି ରହୁ । କୃଷି ବୈଜ୍ଞାନିକମାନେ ସେହି ଅଞ୍ଚଳର କୃଷି ଅଫିସରଙ୍କ ସହିତ ପ୍ରତି ସପ୍ତାହରେ ଥରେ ସେହି ଅଞ୍ଚଳର ଚାଷକୁ ପରିଦର୍ଶନ କରନ୍ତୁ । ଏହାଦ୍ୱାରା କୃଷିର ସମସ୍ୟା ବହୁ ପରିମାଣରେ କମିଯିବ ଏବଂ ଉତ୍ପାଦନ ବୃଦ୍ଧିରେ ସହାୟକ ହେବ । ଏଥିପାଇଁ ଆଞ୍ଚଳିକ ସ୍ତରରେ କୃଷି ଗବେଷଣା ସହିତ କୃଷି ସଂପ୍ରସାରଣ ପଦ୍ଧତି ସୁଦୃଢ଼ କରିବାକୁ ବଜେଟରେ ବ୍ୟୟ ବରାଦ ହେବା ଉଚିତ୍ । କୃଷକମାନଙ୍କର ଦରକାର ଅନୁସାରେ ଉନ୍ନତ ମାନର ବିହନ ଉତ୍ପାଦନ ହୋଇ ଚାଷୀଙ୍କ ପାଖରେ ଠିକ୍ ସମୟରେ ପହଞ୍ଚାଇବାପାଇଁ ଓଡ଼ିଶାର ବିହନ ନିଗମକୁ ସୁଦୃଢ଼ କରାଯାଉ । କୃଷି ବଜାରଗୁଡ଼ିକରେ ଯେପରି ଚାଷୀମାନେ କିମ୍ବା ଚାଷୀ ସଂଗଠନ ସିଧାସଳଖ ବିକ୍ରି କରିପାରିବେ ତା'ର ବ୍ୟବସ୍ଥା ହେଉ । ଯେଉଁ ରାଜ୍ୟରେ କୃଷି ଶିକ୍ଷା ଓ ଗବେଷଣା ଉନ୍ନତମାନର ସେ ରାଜ୍ୟରେ କୃଷିର ବିକାଶ ଅଧିକ । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ୧୯୬୨ ମସିହାରେ ସ୍ଥାପିତ ହୋଇ ଜାତୀୟ ସ୍ତରରେ ଏହାର ଶିକ୍ଷା ଓ ଗବେଷଣାର ମାନ ବଜାୟ ରଖି ଆସୁଛି । ବିଦେଶରୁ ଅନେକ ଗବେଷକ ଏଠାରେ ଗବେଷଣା କରିଛନ୍ତି । ବିଶ୍ୱକୁ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ଦାନ ଅତୁଳନୀୟ, କିନ୍ତୁ ଏବେ ଏହାର ୧୦ଟି ମହାବିଦ୍ୟାଳୟ ମଧ୍ୟରୁ ଛଅଟି ମହାବିଦ୍ୟାଳୟ ଭାରତୀୟ କୃଷି ଗବେଷଣା ସଂସ୍ଥା ଦ୍ୱାରା ଅଧିସ୍ୱୀକୃତି ହରାଇଛି । ଏହା ସୂଚନା ଦିଏଯେ ବିଗତ ପାଞ୍ଚ ଛଅ ବର୍ଷ ଭିତରେ ଏହି ମହାବିଦ୍ୟାଳୟଗୁଡ଼ିକର ଶିକ୍ଷା ଓ ଗବେଷଣାର ମାନ କମିଛି । ଏସବୁ ପାଇଁ ଏକ ଉଚ୍ଚ ବିଶେଷଜ୍ଞ କମିଟି ଗଠନ କରାଯାଇ ଉପଯୁକ୍ତ ପଦକ୍ଷେପ ନେବା ଜରୁରୀ । ଏ ସବୁ ଦୃଷ୍ଟିରୁ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ପାଇଁ ଆସନ୍ତା ବଜେଟରେ ୧୦୦କୋଟି ଟଙ୍କାର ଏକକାଳୀନ ଅନୁଦାନ ବ୍ୟବସ୍ଥା ହେବା ଉଚିତ ।

ଯାହାହେଉନା କାହିଁକି ଆସନ୍ତା କୃଷି ବଜେଟରେ ଜଳସେଚନକୁ ପ୍ରାଧାନ୍ୟ ଦେଇ ଆଞ୍ଚଳିକ ସ୍ତରର ଗବେଷଣାଗତ ତଥ୍ୟ ଚାଷୀଙ୍କ ଜମିରେ ପହଞ୍ଚିବା ସହିତ କୃଷି ଶିକ୍ଷା ଓ ଗବେଷଣା ସୁଦୃଢ଼ ହୋଇ ପାରିଲେ ଓଡ଼ିଶା କୃଷିର ପରିବର୍ତ୍ତନ ସହିତ କୃଷକଙ୍କ ଆୟ ବୃଦ୍ଧି ହୋଇପାରିବ ।

-ପୂର୍ବତନ ଡିନ୍, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର, ଓୟୁଏଟି

ମର୍ତ୍ତ୍ୟର ଦେବତା

ଆଚରଣ ଓ ଉଚ୍ଚାରଣ
ଡାସେ

ସାଙ୍ଗକୁ ନେଇ ଜଣେ ମର୍ତ୍ତ୍ୟର ଦେବତାଙ୍କ ପାଖକୁ ଯାଇଥାଏ। ରୋଗୀ ଦୁଇଜଣ ଥାଆନ୍ତି, ମୋ' ସାଙ୍ଗକୁ ମିଶାଇ। ମାତ୍ର ଏକ ୨୪/୨୫ ବର୍ଷର ଯୁବକ ବସିଥାନ୍ତି ମର୍ତ୍ତ୍ୟର ଦେବତାଙ୍କୁ ଦେଖାକରି ତାଙ୍କ କମ୍ପାନୀର ଔଷଧ ରୋଗୀମାନଙ୍କ ପାଇଁ ଲେଖିବାକୁ କହିବାକୁ। ଯେହେତୁ ସେ ଦୀର୍ଘସମୟ ଧରି ଅପେକ୍ଷାରତ ଆମ ପାଳି ପଡ଼ିବାରୁ ଆମେ ତାଙ୍କୁ କହିଲୁ ତୁମେ ଦେଖାକର। ସେ ବିଚରାଟି କ'ଣ କାଗଜପତ୍ର ଦେଖାଇଲା ଓ ଇଂରାଜୀଗୁଡ଼ିକ, ଏତେ ଭୁସ୍ ଭାସରେ କହିଲା ଯେ ଆମେ କେବଳ ବାହାରେ କାଳା ହୋଇ ଶୁଣୁଥାଉ। କିଛି ସମୟ ପରେ ସେ ବାବୁଟିକୁ ମର୍ତ୍ତ୍ୟର ଦେବତା କ'ଣ ଟିକେ ବିରକ୍ତ ହୋଇ କହିବାର ଶୁଣାଗଲା। ଲାଗିଲା ସତେ ଯେମିତି ସେ ବାବୁ ବୋଧେ ସେ ମର୍ତ୍ତ୍ୟର ଦେବତାଙ୍କୁ କିଛି ଉପହାର ଦେଲେନାହିଁ ,ଯେଉଥିପାଇଁ ବିରକ୍ତି ଭାଷା ଶୁଣିଲେ। କେବଳ ଔଷଧର ନମୁନା ଆଣିଥିଲା ବୋଧେ ଯେଉଁଥିପାଇଁ ମର୍ତ୍ତ୍ୟର ଦେବତା ଖଡ୍ଗହସ୍ତ। ଦେବତା ଶବ୍ଦର ଅର୍ଥ ତ' ଆଗେ 'ଦେ' ତା'ପରେ ବତା ତୋ, ଅସୁବିଧା କ'ଣ। ମନେମନେ ବୁଝିଲି ବାବୁଟି ବୋଧେ ନୂଆ ଆସିଛି ଏ ମର୍ତ୍ତ୍ୟର ଦେବତାଙ୍କ ପାଖକୁ କିମ୍ବା ସେ ଦେକାନୀବାବୁଙ୍କୁ ପଚରା ଉଚୁରା କରିନାହିଁ, ନହେଲେ ତ' ସେମାନେ କମ୍ ସେ କମ୍ ବତେଇ ଦେଇଥାନ୍ତେ ଯେ, ସେ ଦେଖାକରିବାକୁ ଯାଉଥିବା ଦେବତାଙ୍କ ନୈବେଦ୍ୟ କ'ଣ।

ପିଲାଜଣକ ମନଦୁଃଖ କରି ବାହାରକୁ ଆସିଲା, ଯଦିଓ ଆମକୁ ଦେଖି ହସିଲା। ଆମେ କିଛି ଜାଣିନୁ ବା ନବୁଝିଲା ଭଳି ମଧ୍ୟ ଅଭିନୟ କଲୁ ତାଙ୍କ ସଙ୍ଗେ। ସଙ୍ଗେ ସଙ୍ଗେ ସାଙ୍ଗକୁ ଡାକ୍ତରଙ୍କ କକ୍ଷକୁ ପଠାଇ ପିଲାଟିକୁ ପଚାରିଲି, 'କିଛି ଥଣ୍ଡା ବଟିକା, ଦେହ ଘୋଳାବିନ୍ଧା ହେଉଛିର ଡ଼ାକ୍ତରି ନମୁନା ଔଷଧ ଅଛି କି ବାବୁ?' ସେ ସଙ୍ଗେ ସଙ୍ଗେ କହିଲା, ''ଆଗରୁ କହିଥିଲେ ଭଲ ହୋଇଥା'ନ୍ତା। ଏଠି ଯେତେଗୁଡ଼ିଏ ସେ ଡାକ୍ତରଙ୍କୁ ଦେଲି, ଆପଣଙ୍କୁ ଦେଇଥିଲେ ବୋଧେ ଭଲ ହୋଇଥା'ନ୍ତା, କାରଣ କମ୍ ସେ କମ୍ ଆପଣ ଏତିକି ମନେରଖିଥା'ନ୍ତେ ଯେ ମୁଁ କେଉଁ କମ୍ପାନିରୁ ଆସିଥିଲି ବୋଲି! ମାତ୍ର ଏ ଡାକ୍ତରଙ୍କ ବ୍ୟବହାର ଏତେ କଦର୍ଯ୍ୟ ଲାଗିଲା ଯେ ସତେ ଯେମିତି ମୁଁ ଭୁଲ୍ ଜାଗାକୁ ପଳାଇ ଆସିଥିଲି!''

ପିଲାଟି ଗଲାପରେ ଭାବିଲି ସେ ପିଲାଟି ସିନା ଡାକ୍ତରଙ୍କ କକ୍ଷରୁ ଫେରିଲାପରେ ହସୁଥିଲା ଲୋକଦେଖାଣିଆ ହସ ମାତ୍ର ମୋତେ ଯାହା କହିଲା ତାହା ଅନ୍ତରର ଭାଷା। ଏ ତ' ଗଲା ଡାକ୍ତରଙ୍କ ଔଷଧ କମ୍ପାନି ଔଷଧୀୟ ପ୍ରତିନିଧିମାନଙ୍କୁ ବ୍ୟବହାର କଥା। ଏ ମର୍ତ୍ତ୍ୟର ଦେବତାଙ୍କ ଅନ୍ୟଗୁଣ ଗୁଡ଼ା ଜାଣିଲେ ଆପଣମାନେ ତାଙ୍କୁ ଖରାପ ଭାବିପାରନ୍ତି ମାତ୍ର ତାଙ୍କ ପାଖକୁ ରୋଗ ଦେଖାଇବାକୁ ଯିବା ପାଇଁ ବାଧ ହେବେ, କାରଣ ସେ ଆମ ଅଞ୍ଚଳର ଜଣେ ନାମ୍‌ଜାଦା ଡାକ୍ତର। ଘର ପାଖରେ ଥିବା ଔଷଧ ଦୋକାନିଗଣ ଏ ମର୍ତ୍ତ୍ୟର ଦେବତାଙ୍କ ଯୋଗୁଁ ବଞ୍ଚିଛନ୍ତି। ଯାହା ଡାକ୍ତରି ନମୁନା ଔଷଧ ମିଳେ ତାଙ୍କୁ ଏ ଦୋକାନୀକୁ ବିକି ତାଙ୍କଠାରୁ ପଇସା ନିଅନ୍ତି ଯାହା ଦୋକାନୀମାନେ କହନ୍ତି। ଯେଉଁଠାରେ ମର୍ତ୍ତ୍ୟର ଦେବତାଜଣକ ମାଗଣା ଔଷଧକୁ ମାଗଣାରେ ବିତରଣ କରିବା ଶିଖିପାରିଲା ନାହିଁ ସେ ଯେ କେଉଁଭଳିଆ ବ୍ୟବହାର ମାଗଣାରେ ରୋଗୀଙ୍କୁ ଅବା ଆଉ କାହାକୁ କରିବ ତାହା ସହଜେ ଅନୁମେୟ।

ସାଙ୍ଗ ଆସିଲାପରେ ଡାକ୍ତରଙ୍କ କକ୍ଷରୁ ତାକୁ ଏ କଥା କହନ୍ତେ ସେ କହିଲା, ''ଏ ତ' ଆମ ସ୍ଥାନୀୟ ଡାକ୍ତରଙ୍କ କଥା। ବଡ଼ ଡାକ୍ତରଖାନାର ବଡ଼ ବଡ଼ ଡାକ୍ତରଙ୍କ କଥା ଓ କାମ ଶୁଣିଲେ ମୁଣ୍ଡରେ ହାତ ଦେବୁ। ଡାକ୍ତରଙ୍କ ନାମ ଏତେ ସୁନ୍ଦର ଦିଆଯାଇଥାଏ ଯେ ନାମ ଓ କାମ ଭିତରେ ଆକାଶ ପାତାଳ ଫରକ ଥଏ। ନାମ ମନେକର ହରିଭକ୍ତି ସେବା ଇତ୍ୟାଦିରୁ ଆରମ୍ଭ ହୋଇଥିବ ମାତ୍ର ସବୁରି ମୂଳରେ ନେବାକୁ ସେମାନେ ତତ୍ପରତାର ସହ ଚାହିଁଥିବେ। ଏମାନଙ୍କ ପାଖରେ ପହଁଚିଲେ ଏମାନେ ଏତେ ସଂଖ୍ୟକ ଅମକ ଟେଷ୍ଟ, ସମକ ରିପୋର୍ଟ କରିବାକୁ କହିବେ ଯେ ରୋଗୀ ଯଦି ଜରୁରୀ ଅବସ୍ଥାରେ ଥିବ ତାହାହେଲେ ଫଟୋ ହୋଇଯିବାର ସମ୍ଭାବନା ଅଧିକ। ଔଷଧ ଯାହା ଲେଖିବେ ତାହାପୁଣି ନିର୍ଦ୍ଦିଷ୍ଟ ଦୋକାନୀଙ୍କ ପାଖରେ ଥିବ ଏବଂ ସେ ଦୋକାନୀମାନେ ହିଁ ସେହିଠାରେ ଲଟର ପଟର ହେଉଥିବେ, ଆପଣମାନଙ୍କୁ ତାଙ୍କ ଦୋକାନକୁ ପାଛୋଟି ନେବାପାଇଁ। ରାସ୍ତାରେ ସେ ଦୋକାନୀମାନେ କହିବେ ଏଇ ଦୋକାନରୁ ହିଁ ସରିଗଲେ ନେବେ ଆଉ କେଉଁଠାରୁ ନେବେନାହିଁ, ନେଲେ ହଇରାଣ ହେବେ। ଆମ ସ୍ଥାନୀୟ ଡାକ୍ତର ତ' ୫୦ ଟଙ୍କା ନେଉଛନ୍ତି ଦେଖିବାକୁ, ସେମାନଙ୍କର ଦର୍ଶନୀ ଶୁଳ୍କ ଏମାନଙ୍କଠାରୁ ଚାରିଗୁଣ। ରୋଗୀଦେଖା ମଝିରେ ବି ବଡ଼ ବଡ଼ ଡାକ୍ତରମାନେ ତାଙ୍କ ସନ୍ତାନମାନଙ୍କୁ ପାଠପଢାରୁ ଆଣିବାକୁ ଯାଆନ୍ତି ଓ ଘରଣୀମାନଙ୍କୁ କର୍ମକ୍ଷେତ୍ରକୁ ଛାଡ଼ିଦେବାକୁ ଯାଆନ୍ତି। ବଦଳି ଯଦି ଅନ୍ୟ କେଉଁଠାକୁ ହେଲା ତେବେ ଏମାନେ ମାସ ମାସ ଛୁଟିରେ ରହି ଦୈନିକ ସକାଳେ ସଂଜେ ୫୦ ଜଣ ରୋଗୀ ଦେଖିଲେ ଟଙ୍କା ୧୦ ହଜାର। ମାସେ ଦୁଇମାସେ ଛୁଟିରେ ରହିଲେ ବରଂ ବେଶୀ ଲାଭ। ଜଣେ ଜଣେ ଡାକ୍ତର ଡାକ୍ତରାଣୀ ତ' ପଇସାକୁ ଏପରି ଚିହ୍ନିଛନ୍ତି ଯେ ଚାକର ଯଦି କିଲେ ଆଳୁରେ ଗୋଟାଏ ପୋକରା କିମ୍ବା ନେଳିଆ, କଟା ଏବଂ ଫଟା ଆଳୁ ଆଣିଥିବ, ତେବେ ସେ ଦିନଯାକ ତା' ଉପରେ ଗାରୁଗାରୁ ହେଉଥିବେ। ଚିହ୍ନାଲୋକଙ୍କଠୁ ପଇସା ମାଗିପାରିବେନି ବୋଲି ଗାଉଁଲି ସାରୁ, ଅମୃତଭଣ୍ଡା, କଞ୍ଚା କଦଳୀ ଓ ଘିଅ ଆଣିବାକୁ କହିବାକୁ ଭୁଲନ୍ତିନି। ଏତେ ଦରମା ପାଇଲା ପରେ ଏତେ ଲୋଭ ଯେ ଗରିବଗୁରୁବାଙ୍କୁ ବେଶୀ ଶୋଷି ଶୋଷି ନିସ୍ତେଜ କରନ୍ତି। ଚାକର ବାକରଙ୍କୁ ଦରମା ଠିକ୍ ସମୟରେ ଦିଅନ୍ତିନି କି ବେଶୀ ଦିଅନ୍ତିନି। ମଧୁରଭକ୍ତିଆ ସିନା ନାମ ହେଲେ କାମ ହେଲା ଚରଣଚ୍ୟୁତିଆଙ୍କଠୁ ବି ହୀନ।''

ସାଙ୍ଗ ଆଉ କିଛି କହିବା ପୂର୍ବରୁ ଦୋକାନୀ ଡାକିଲା ଔଷଧ ନିଅ ନହେଲେ ଦୋକାନ ଆମେ ବନ୍ଦକରିଯିବୁ। ଫେରିବା ରାସ୍ତାରେ ସାଙ୍ଗ କହୁଥିଲା, ''ସେବା ନାମରେ ଏମାନେ ସେବକ ନହୋଇ ନେବା ନାମରେ ନେବକ ସାଜିଛନ୍ତି। ଆଉ କିଛି ଡାକ୍ତରଙ୍କର ତ' ବୟସ ଅଧିକ ହୋଇଯାଇଥିଲେବି ସେମାନଙ୍କର ଛୋପରାମିର ପ୍ରଭାବ ତାଙ୍କ ପାଖରେ ଥିବା ପରିଚାରିକାମାନେ ପଇସା ପାଇଁ ସହିଯାଉଛନ୍ତି। ଭାବୁଥିଲି ଏମାନଙ୍କୁ ମର୍ତ୍ତ୍ୟର ଦେବତା ସଙ୍ଗେ ତୁଳନା କରାଯାଇଛି ହେଲେ ଏମାନଙ୍କର ଦେବତାପରାୟ କୌଣସି ଗୁଣ ନାହିଁ।'' ଡାକ୍ତରଖାନାର ଅପରେସନ କକ୍ଷରେ ପ୍ରାୟତଃ ଲେଖାଯାଇଥାଏ-''ଆମ୍ଭେ ସେବାକରୁ 'ସେ' ଭଲ କରନ୍ତି।'' ଡାକ୍ତର ଯଦି ରୋଗୀଙ୍କ ପେଟରେ ଛୁଞ୍ଚି, ଛୁରି ଓ କତୁରି ଛାଡିବା ଆରମ୍ଭ କଲେଣି ତେଣୁ ସେ ଏବେ କେଉଁପ୍ରକାର ଭଲ କରିବେ ଆପଣମାନେ ଭାବନ୍ତୁ। ହେ ପ୍ରଭୁ ଏ ମର୍ତ୍ତ୍ୟର ଦେବତାମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ, ଏମାନେ ବେଶୀ ଲୋଭୀ ନ ହୁଅନ୍ତୁ। ଏମାନଙ୍କର କାହାର ପୁଅ ନାହିଁ, ଝିଅ ନାହିଁ, ସ୍ତ୍ରୀ ନାହିଁ, କାହାକୁ ବଡ଼ ରୋଗ ମାଡ଼ି ବସିଲାଣି, ତଥାପି ଏମାନଙ୍କର ଲୋଭ ଯାଉନାହିଁ। କିଏ ଜାଣେ ଯିବ କି ନଯିବ। ଗଲେ ଭଲ ନହେଲେ ବି...

ପିତା ମୋର ଧର୍ମ ପିତା ମୋର ସ୍ୱର୍ଗ

ବୈକୁଣ୍ଠନାଥ ମହାପାତ୍ର

''ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହିଁ ପରମଂ ତପଃ,
ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାମ।।''

ପିତା ମୋର ଧର୍ମ, ପିତା ମୋର ସ୍ୱର୍ଗ, ପିତା ମୋର ସମସ୍ତ ତପ, ଜପ ଓ ଉପାସନାର କେନ୍ଦ୍ର। ପିତାଙ୍କର ସନ୍ତୁଷ୍ଟିରେ ସମସ୍ତ ଦେବତା ସନ୍ତୁଷ୍ଟ ହୁଅନ୍ତି। ଏପରି ଭାବ ଆମ ସମାଜରେ କାହିଁ କେଉଁ ବିସ୍ମୃତ କାଳରୁ ଅନୁସୃତ ହୋଇଆସୁଛି। ପିତୃ ଉପାସନା ଆଗରେ ସମସ୍ତ ଦଅଁ ଦେବତା ଉପାସନା ନିଷ୍ପ୍ରଭ ହୋଇଥାଏ। ସେଥିପାଇଁ କୁହାଯାଇଛି ରାମଚରିତ ମାନସରେ–

'ପ୍ରାତ କାଲୁ ଉଠି କେ ରଘୁନାଥା,
ମାତା ପିତା ଗୁରୁ ନା ବହିଁ ମାଥା।'

ପିତାଙ୍କ ଆଦେଶ ପାଳନ କରିବା, ତାଙ୍କ ଉପଦେଶ ଗ୍ରହଣ କରିବା ଓ ତାଙ୍କ ଦ୍ୱାରା ପ୍ରଦତ୍ତ ପ୍ରତିଶ୍ରୁତି ରକ୍ଷା କରିବା ପୁତ୍ରର ସର୍ବପ୍ରଧାନ କର୍ତ୍ତବ୍ୟ। ମୋ ପିତା ଜଗତ୍‌ପିତା ପରମେଶ୍ୱରଙ୍କ ଅଂଶବିଶେଷ। ସେ ମୋର ଇଷ୍ଟ, ସେ ମୋର ପୂଜ୍ୟ ଓ ସେ ମୋର ପ୍ରେରଣାର ଉତ୍ସ। ମାତା ଜନ୍ମ ଦେଇ ଛୋଟରୁ ବଡ଼ କରନ୍ତି। କିନ୍ତୁ ପିତା ଶୈଶବ ଓ କୈଶୋରର ସମସ୍ତ ଆବଶ୍ୟକତା ପୂରଣ କରି ଦୁନିଆଦାଣ୍ଡରେ ଠିଆ ହେବାର ସାମର୍ଥ୍ୟ ଯୋଗାଇ ଦିଅନ୍ତି। କଥାରେ ଅଛି, ବାପ ଥିଲା ପୁଅ ସଭାରେ ହାରେନା। ଏହାର ଅର୍ଥ ବାପାଙ୍କର ଆଶୀର୍ବାଦର ହାତ ପୁଅ ମୁଣ୍ଡରେ ଥିବା ଯାଏ ତା'ର କୌଣସି କ୍ଷେତ୍ରରେ ପରାଜୟ ନାହିଁ। ପିତୃ ଆଶୀର୍ବାଦ ପୁତ୍ରକୁ ଅଦମ୍ୟ ସାହସୀ ଓ ନିର୍ଭୀକ କାରିଥାଏ।

ପୁତ୍ରକୁ ସୁପୁତ୍ର ରୂପେ ଗଢି ତୋଳିବାର ଦକ୍ଷତା ପିତାଙ୍କଠାରେ ନିହିତ। ପିତାଙ୍କର ସାମାନ୍ୟ ଅସାବଧାନତାରୁ ପୁତ୍ର ବିପଥଗାମୀ ହୁଏ। ପୁତ୍ର ବିପଥଗାମୀ ହେଲେ କେବଳ ମାତାପିତାଙ୍କର ଅପଯଶ ହୁଏ ନାହିଁ, ବରଂ କୁଳଧର୍ମ ନଷ୍ଟ ହୁଏ ଓ ଏହା ଏକ ସଂକ୍ରାମକ ବ୍ୟାଧି ପରି ସମାଜ ଏବଂ ଦେଶକୁ ମଧ୍ୟ କଳୁଷିତ କରେ। ପିତୃତ୍ୱ ଏକ ପରିଚୟ ନୁହେଁ, ଏହା ଏକ ସାଧନା ଓ ଏହି ସାଧନାକୁ ସାବଧାନତାର ସହ ପରିଚାଳନା କଲେ ସିଦ୍ଧିପ୍ରାପ୍ତ ହୁଏ। ଅର୍ଥାତ୍ ପୁତ୍ର ସୁପୁତ୍ର ହେବାର ଗୌରବ ଅର୍ଜନ କରେ। ଶାସ୍ତ୍ର କହେ ପ୍ରତ୍ୟେକ ବ୍ୟକ୍ତିର ପାଞ୍ଚଗୋଟି ପିତା ଅଛନ୍ତି-

ଜନିତା ଚୋପନେତା ଚ ଯସ୍ତୁ ବିଦ୍ୟା ପ୍ରଯଚ୍ଛତି।
ଅନ୍ନଦାତା ଭୟତ୍ରାତା ପଞ୍ଚୈତେ ପିତରଃ ସ୍ମୃତାଃ।।

ଅର୍ଥାତ୍- ଯେ ଜନ୍ମକର୍ତ୍ତା, ଯେ ଉପନୟନ କରିଛନ୍ତି, ଯେ ବିଦ୍ୟାଦାନ କରନ୍ତି, ଯେ ଅନ୍ନଦାନ କରନ୍ତି ଓ ସର୍ବୋପରି ଯେ ଅଭୟ ପ୍ରଦାନ କରି କୌଣସି ବିପଦ ଆପଦରୁ ରକ୍ଷା କରନ୍ତି ସେମାନେ ସମସ୍ତେ ପିତୃ ପଦବାଚ୍ୟ। ଉପରୋକ୍ତ ପଞ୍ଚ ପିତାଙ୍କର ଅବଦାନ ପୁତ୍ରକୁ ସୌଭାଗ୍ୟବନ୍ତ ଓ କୀର୍ତ୍ତିମାନ କରିଥାଏ। 'ପିତୃ ଦେବୋ ଭବ।' ପିତା ହେଉଛନ୍ତି ଏପରି ଦେବତା ଯାହାଙ୍କୁ ଉଭୟ ଜୀବିତାବସ୍ଥାରେ ଓ ମୃତ୍ୟୁ ପରେ ବି ଆରାଧନା କରାଯାଏ। ଜନକ ହିସାବରେ ଆମକୁ ସ୍ନେହ ପ୍ରଦାନ କରି ମୃତ୍ୟୁ ପରେ ଆମ ପାଇଁ ଛାଡ଼ିଯାନ୍ତି ଅନେକ ସମ୍ପତ୍ତି, ଯାହାକୁ ଆମେ ପୈତୃକ ସମ୍ପତ୍ତି କହିଥାଉ। ପିତା ଧନୀ କିମ୍ବା ନିର୍ଦ୍ଧନ ହୁଅନ୍ତୁ, ମାତ୍ର ସୁପୁତ୍ର ପାଇଁ ସେଥିରେ କୌଣସି ଫରକ ପଡ଼େନାହିଁ। ସେ ଭୌତିକ ସମ୍ପତ୍ତି ହେଉ ବା ବୌଦ୍ଧିକ ସମ୍ପତ୍ତି, ପୁତ୍ର ପାଇଁ ସବୁକିଛି ସମାନ। ମୃତ୍ୟୁ ପରେ ବିଶ୍ୱସ କରାଯାଏ ଯେ ସେ ପିତୃଲୋକର ଅମୃତମୟ ଧାମରେ ଅବସ୍ଥାନ କରନ୍ତି ଓ ପୁତ୍ରକନ୍ୟାଙ୍କୁ ସର୍ବଦା ଆଶୀର୍ବାଦ ପ୍ରଦାନ କରୁଥାନ୍ତି। ହିନ୍ଦୁଶାସ୍ତ୍ର ଅନୁଶାରେ ମାନବର ଗୋଟିଏ ବର୍ଷ ପିତୃଙ୍କର ଗୋଟିଏ ଦିନ। ସେ ଦିନରେ ତାଙ୍କୁ ପିଣ୍ଡଦାନ କଲେ ତାଙ୍କ ଆତ୍ମା ଚିରଶାନ୍ତି ଲାଭ କରେ। ଶ୍ରାଦ୍ଧରେ ପୁରୋହିତ ଯେଉଁ ମନ୍ତ୍ର ଉଚ୍ଚାରଣ କରନ୍ତି, ସେଥିରେ ଜଣେ ପୁତ୍ରର ତାଙ୍କ ପିତାଙ୍କ ପ୍ରତି ଥିବା ଗଭୀର ଶ୍ରଦ୍ଧା, ଭକ୍ତି ଓ ଅନୁରକ୍ତି ପ୍ରଦର୍ଶିତ ହୋଇଥାଏ। ପ୍ରତିବର୍ଷ ମହାଳୟା ତିଥିରେ ପିତୃପୁରୁଷମାନେ ଅମୃତଧାମ ତ୍ୟାଗକରି ମର୍ତ୍ତ୍ୟଲୋକକୁ ଆଗମନ କରନ୍ତି। ନିଜ ପୁତ୍ର ଦ୍ୱାରା ପ୍ରଦତ୍ତ ପିଣ୍ଡଦାନକୁ ଗ୍ରହଣ କରି ଶୁଭାଶିଷ ପ୍ରଦାନ କରନ୍ତି ଓ ପିତୃଲୋକକୁ ପ୍ରତ୍ୟାବର୍ତ୍ତନ କରନ୍ତି। ମାସକ ପର୍ଯ୍ୟନ୍ତ ମର୍ତ୍ତ୍ୟ ଭୁମିରେ ରହି ଦୀପାବଳିର ପ୍ରଜ୍ୱଳିତ ଆଲୋକଶିଖାରେ ପୁତ୍ର ତାଙ୍କୁ ମେଲାଣି ଦିଏ। ପ୍ରତ୍ୟାବର୍ତ୍ତନ ସମୟରେ ନିଜ ପୁତ୍ରକନ୍ୟାଙ୍କୁ ଓ ଆତ୍ମୀୟସ୍ୱଜନଙ୍କୁ; ଯେଉଁ ଆଶୀର୍ବାଦ ପ୍ରଦାନ କରନ୍ତି, ତାହା କୌଣସି ଦେବାଳୟରୁ ମଧ୍ୟ ପ୍ରାପ୍ତ ହୁଏନାହିଁ। ରାମାୟଣର କଥାବସ୍ତୁ ଅନୁସାରେ ରାଜା ଦଶରଥ ମଧ୍ୟମାରାଣୀ କୈକେୟୀଙ୍କୁ ବର ପ୍ରଦାନ କରି ଅନୁଭବ କଲେ ସତେ ଯେପରି ସେ ପୁତ୍ର ଶ୍ରୀରାମଙ୍କ ପ୍ରତି ଘୋର ଅବିଚାର କରିବାକୁ ଯାଉଛନ୍ତି। ତାଙ୍କ ମନୋରାଜ୍ୟରେ ସୃଷ୍ଟି ହେଲା ଶତ ଉଦ୍‌ବେଳନ। ରାତି ପାହିଲେ ଯେ ସିଂହାସନ ଆରୋହଣ କରିଥା'ନ୍ତା ସେ ଚତୁର୍ଦ୍ଦଶ ବର୍ଷ ବନବାସ କରିବ। ଯେଉଁ ପୁତ୍ରକୁ ସେ ଏତେ ଭଲ ପାଆନ୍ତି ତାଙ୍କୁ କିପରି ଏ ନିଷ୍ଠୁର ଆଦେଶ ଦେବେ। ଏହାହିଁ ତାଙ୍କୁ ମ୍ରିୟମାଣ କରୁଥିଲା। ବରଂ ପଛେ ସେ ରଘୁବଂଶର ଅମର୍ଯ୍ୟାଦା କରି ସତ୍ୟଭ୍ରଷ୍ଟ ହେବେ, କିନ୍ତୁ ପୁତ୍ର ଶ୍ରୀରାମଙ୍କର ବନବାସ ସେ ସହ୍ୟ କରିପାରିବେ ନାହିଁ। ମାତ୍ର ସୁପୁତ୍ର ଶ୍ରୀରାମ ପିତାଙ୍କର ଅନ୍ତର୍ଦ୍ୱନ୍ଦ୍ୱ ତଥା ମାନସିକ ବ୍ୟଥାକୁ ଅନୁଭବ କରି ପିତୃସତ୍ୟ ପାଳନକୁ ନିଶ୍ଚୟ କରିନେଲେ। ପିତାଙ୍କପ୍ରଦତ୍ତ ବଚନ ଯେପରି ରକ୍ଷାହୁଏ ସେଥିପାଇଁ ପୁତ୍ର ହିସାବରେ ଏହା ତାଙ୍କର ପରମ ଓ ଚରମ କର୍ତ୍ତବ୍ୟ ବୋଲି ମନେକରି ପିତାଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ କହୁଛନ୍ତି ହେ ତାତ! ଆପଣ ଏତେ ବ୍ୟସ୍ତ କାହିଁକି ହେଉଛନ୍ତି। ମୋତେ ତ ବନରାଜ୍ୟ ଭୋଗର ସୌଭାଗ୍ୟପ୍ରାପ୍ତ ହେବାକୁ ଯାଉଛି। ତେଣୁ ହେ ପିତାଶ୍ରୀ! ଆପଣ ଚିନ୍ତା ପରିହାର କରି ସହାସ୍ୟବଦନରେ ଆମ୍ଭକୁ ବନଗମନର ଆଦେଶ ପ୍ରଦାନ କରନ୍ତୁ। ତୁଳସୀ ଦାସ ଲେଖିଛନ୍ତି-ମଙ୍ଗଲ ସମୟ ସନେହ ବସ ସୋଚୁ ପରିହରିଅ ତାତ! ଆୟସୁ ଦେଇଅ ହରଷୁ ହି ଯଁ କହି ପୁଲକେ ପ୍ରଭୁ ଗାତ। ଅର୍ଥାତ୍-ପ୍ରଭୁ ପୁଲକିତ ଚିତ୍ତରେ କହୁଛନ୍ତି ହେ ତାତ! ଶୋଚନା ତ୍ୟାଗ କରି ମଙ୍ଗଳ ସମୟ ଦେଖି ଆମକୁ ହସି ହସି ବନଗମନର ଆଜ୍ଞା ଦିଅନ୍ତୁ। ଏ ଥିଲା ରାମାୟଣର ପିତାପୁତ୍ର ସମାଚାରର ଏକ ଝଲକ। କିନ୍ତୁ ମହାଭାରତରେ ପୁତ୍ରକୁ ରାଜଗାଦି ଦେବା ପାଇଁ ମହାରାଜ ଧୃତରାଷ୍ଟ୍ର ସବୁକିଛି ଅନ୍ୟାୟକୁ ସ୍ୱୀକାର କରିପାରିଲେ। ସହଜେ ତ ସେ ଜନ୍ମାନ୍ଧ। ସେଥିରେ ପୁଣି ତାଙ୍କ ବିବେକକୁ ଅନ୍ଧ କରିଦେଲେ। ଏପରିକି ପିତାମହ ଭୀଷ୍ମ ପାଣ୍ଡବମାନଙ୍କୁ ଅର୍ଦ୍ଧେକ ରାଜ୍ୟ ଦେବାର ପ୍ରସ୍ତାବ ପରିଶେଷରେ ମଧ୍ୟସ୍ଥ ଶ୍ରୀକୃଷ୍ଣଙ୍କର ପାଣ୍ଡବ ୫ଭାଇଙ୍କୁ ୫ଖଣ୍ଡ ଗ୍ରାମ ଦେବାର ପ୍ରସ୍ତାବ ତାଙ୍କ ନିକଟରେ ମୂଲ୍ୟହୀନ ହୋଇଗଲା। ପୁତ୍ରମୋହ ଆଗରେ କୌଣସି ବି ଉପଦେଶ ଗ୍ରହଣୀୟ ହେଲା ନାହିଁ। ପୁତ୍ରର ସମସ୍ତ ଅନ୍ୟାୟ କାର୍ଯ୍ୟକୁ ପ୍ରୋତ୍ସାହିତ କରି ଅନ୍ଧ ଧୃତରାଷ୍ଟ ରାଜ୍ୟ ଓ ପ୍ରଜାମାଙ୍କର ପ୍ରଭୂତ କ୍ଷତି ଘଟାଇଲେ। ସଂଘଟିତ ହେଲା ମହାଭାରତ ଯୁଦ୍ଧ, ଯେଉଁଥିରେ ଧୃତରାଷ୍ଟ୍ର ରାଜ୍ୟ ସହ ହରାଇ ବସିଲେ ନିଜ ଶତପୁତ୍ରଙ୍କୁ। ତେଣୁ ପିତାଙ୍କର ଆସନ ଏକ ମର୍ଯ୍ୟାଦାସମ୍ପନ୍ନ ଆସନ। ଏକାଧିକ ପୁତ୍ରକନ୍ୟାଙ୍କୁ ଜନ୍ମ ଦେଇ ଠିକ୍ ନ୍ୟାୟ ନ ଦେଇ ପକ୍ଷପାତ ନୀତି ଆପଣେଇଲେ, ନିଜ ପରିବାରଟି ଚରମ ଦୁର୍ଦ୍ଦଶାକୁ ଠେଲି ହୋଇଯାଏ। ପିତା ହିସାବରେ କୌଣସି ନିର୍ଦ୍ଦିଷ୍ଟ କନ୍ୟା ବା ପୁତ୍ରକୁ ଅନ୍ୟାୟ ଭାବେ ସମର୍ଥନ କଲେ ପରିବାର ମଧ୍ୟରେ ଅସନ୍ତୋଷର ଯେଉଁ ବହ୍ନି ଜଳିଉଠେ ତାକୁ ପ୍ରଶମିତ କରିବାର କ୍ଷମତା କୌଣସି ପିତାଙ୍କ ନିକଟରେ ନ ଥାଏ। ଯେଉଁ ପୁତ୍ରକୁ ଯଥୋଚିତ ସ୍ନେହଦାନରୁ ବଞ୍ଚିତ କରାଯାଏ, ସେ ତ ନିଜର ହୁଏନା, ଅପରପକ୍ଷେ ଯାହାକୁ ଅନ୍ଧଭାବେ ସମର୍ଥନ କରାଯାଏ ସେ ଭାଇଭାଗ ହିଂସାର ବଶବର୍ତ୍ତୀ ହୋଇ ପିତୃସେବାରୁ ବିରତ ହୁଅନ୍ତି। ତାଙ୍କର ଯୁକ୍ତି ହୁଏ, ସମସ୍ତେ ଯେତେବେଳେ ପୈତୃକ ସମ୍ପତ୍ତିର ଅଂଶୀଦାର ହେବେ ମୁଁ ଏକା କାହିଁକି ମାତା ପିତାଙ୍କର ସେବା କରିବି। ତେଣୁ ଉଭୟପଟୁ ହତାଶ ହୋଇ ବୃଦ୍ଧାବସ୍ଥାରେ କପାଳରେ ସିନା କର ମାରିବେ ହେଲେ ପ୍ରତିକାରର କ୍ଷୁ ତାଙ୍କ ପାଖରେ ନ ଥିବ। ତେଣୁ ପିତୃତ୍ୱ ଏକ ସହଜ ବ୍ୟାପାର ନୁହେଁ। ପୁତ୍ରକନ୍ୟାଙ୍କୁ ସ୍ନେହ ପ୍ରଦାନରେ ଭାରସାମ୍ୟ ରକ୍ଷା କରି ନ ପାରିଲେ, ଶେଷ ଜୀବନ ଘୋର ନୈରାଶ୍ୟ ମଧ୍ୟକୁ ଠେଲି ହୋଇଯାଏ। କେବଳ ମନସ୍ତାପ ହିଁ ସାର ହୁଏ। *-ନୟାଗଡ଼*